ଭୁବନେଶ୍ୱର ଓ କେନ୍ଦ୍ରାପଡ଼ା ରୁ ଏକସଙ୍ଗେ ପ୍ରକାଶିତ
ଓଡ଼ିଶା ଏକ୍ସପ୍ରେସ୍
ସମ୍ପାଦକୀୟ

ପ୍ରସାଦଙ୍କ ମତ ସଂପୂର୍ଣ୍ଣ ଯୁକ୍ତିସଙ୍ଗତ

ମହାନଦୀ ଜଳ ବିବାଦ ନେଇ ସୁପ୍ରିମ୍‌କୋର୍ଟଙ୍କ ନିର୍ଦ୍ଦେଶ ପରିପ୍ରେକ୍ଷୀରେ କେନ୍ଦ୍ର ସରକାର ଏହି ବିବାଦର ସମାଧାନ ଲାଗି ଟ୍ରିବ୍ୟୁନାଲ ଗଠନ ପ୍ରସ୍ତାବକୁ ମଞ୍ଜୁର କରିଛନ୍ତି । ହଁ–ନାହିଁ ହଁ–ନାହିଁ କହି କହି ଶେଷରେ ନରେନ୍ଦ୍ର ମୋଦୀ ଟ୍ରିବ୍ୟୁନାଲ ଗଠନ ନିର୍ଦ୍ଦେଶ କାର୍ଯ୍ୟକାରୀ କରିବା ପାଇଁ ରାଜି ହେଲେ । ଏହାଛଡ଼ା ଉପାୟ ନଥିଲା । ସୁପ୍ରିମ୍‌କୋର୍ଟଙ୍କ ନିର୍ଦ୍ଦେଶ ପାଳନ କରିବାକୁ ପଡ଼ିବ ।

ସୁପ୍ରିମ୍‌କୋର୍ଟଙ୍କ ନିର୍ଦ୍ଦେଶ ଏବଂ କେନ୍ଦ୍ର ସରକାରଙ୍କ ଟ୍ରିବ୍ୟୁନାଲ ଗଠନ ନିଷ୍ପତ୍ତି ପରିପ୍ରେକ୍ଷୀରେ ପ୍ରଦେଶ କଂଗ୍ରେସ ସଭାପତି ପ୍ରସାଦ ହରିଚନ୍ଦନଙ୍କ ପ୍ରସ୍ତାବରେ କିନ୍ତୁ ଯଥେଷ୍ଟ ବାସ୍ତବତା ରହିଛି । ଗୋଟିଏ ରାଜନୈତିକ ଦଳର ରାଜ୍ୟ ସଭାପତି ଭାବେ ତାଙ୍କ ମତରେ ରାଜନୀତିର କିଛିଟା ଛିଟା ଥାଇପାରେ । ଯେଉଁ କାରଣରୁ ସେ ମହାନଦୀ ଜଳ ବିବାଦରେ କେନ୍ଦ୍ର ସରକାର ଛତିଶଗଡ଼କୁ ସାହାଯ୍ୟ କରିଆସୁଛନ୍ତି ବୋଲି କହିଛନ୍ତି । ତେବେ ତାଙ୍କର ଅନ୍ୟ ଏକ କଥା କିନ୍ତୁ ଅତ୍ୟନ୍ତ ବାସ୍ତବବାଦୀ । ସେ କହିଛନ୍ତି ଯେ ଜଳ ବିବାଦ ଏବଂ ବଣ୍ଟନ ସଂକ୍ରାନ୍ତରେ ଟ୍ରିବ୍ୟୁନାଲ ତ ନିଷ୍ପତ୍ତି ନେବେ, ହେଲେ ଓଡ଼ିଶାର ହୀରାକୁଦକୁ ଯେଉଁ ପରିମାଣର ଜଳ ପୂର୍ବରୁ ଆସୁଥିଲା ତାକୁ ଛାଡ଼ିବା ପାଇଁ କେନ୍ଦ୍ର ସରକାର ଛତିଶଗଡ଼କୁ ନିର୍ଦ୍ଦେଶ ଦିଅନ୍ତୁ । ଏଥିସହିତ ମହାନଦୀର ଉପରମୁଣ୍ଡରେ ଛତିଶଗଡ଼ ବେଆଇନ୍ ଭାବେ ନିର୍ମାଣ କରୁଥିବା ବ୍ୟାରେଜ କାମ ବନ୍ଦ କରିବା ପାଇଁ ଏହି ରାଜ୍ୟର ମୁଖ୍ୟମନ୍ତ୍ରୀ ରମଣ ସିଂଙ୍କୁ ଓଡ଼ିଶାର ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ତୁରନ୍ତ କୁହନ୍ତୁ ବୋଲି ଶ୍ରୀ ହରିଚନ୍ଦନ ମତ ଦେଇଛନ୍ତି । ଏଠାରେ ସୂଚନାଯୋଗ୍ୟ ଯେ ମହାନଦୀ ଜଳ ବିବାଦ ଟ୍ରିବ୍ୟୁନାଲ ୩ଜଣ ବ୍ୟକ୍ତିଙ୍କୁ ନେଇ ଗଠନ କରାଯିବ । ଏଥିରେ ଜଣେ ଅଧ୍ୟକ୍ଷ, ୨ଜଣ ସଦସ୍ୟ ରହିବେ, ଯେଉଁମାନଙ୍କୁ ସୁପ୍ରିମ୍‌କୋର୍ଟର ପ୍ରଧାନ ବିଚାରପତି ବାଛିବେ । ଟ୍ରିବ୍ୟୁନାଲ ଗଠନ ହେବାର ୩ବର୍ଷ ମଧ୍ୟରେ ରିପୋର୍ଟ ମିଳିବ । ଯଦି ଆବଶ୍ୟକ ହୁଏ, ତେବେ ଏହାକୁ ଆଉ ଦୁଇବର୍ଷ ବଢ଼ାଯାଇପାରିବ । ଟ୍ରିବ୍ୟୁନାଲ ମହାନଦୀ ଉପତ୍ୟକାରେ କେତେ ଜଳ ଉପଲବ୍ଧ ହେଉଛି, କେଉଁ ରାଜ୍ୟ କେତେ ଜଳ ଆବଶ୍ୟକ କରୁଛି, ବର୍ତ୍ତମାନ ମହାନଦୀ ଜଳର ବିନିଯୋଗ ଏବଂ ଭବିଷ୍ୟତରେ ଏହାର ଆବଶ୍ୟକତା ନେଇ ଏହି ସଦସ୍ୟଗଣ ତର୍ଜମା କରିବେ ।

କୌଣସି ବିବାଦ ସମାଧାନ ପାଇଁ କିମ୍ବା କୌଣସି ଘଟଣାର ତଦନ୍ତ ପାଇଁ ଗଠନ କରାଯାଉଥିବା ଟ୍ରିବ୍ୟୁନାଲ ଏବଂ ତଦନ୍ତ କମିଶନଙ୍କ ଅବଧି ଯେ ବଢ଼ି ବଢ଼ି ଯାଏ ଏହା ଏକ ସ୍ୱାଭାବିକ ପ୍ରକ୍ରିୟା । ତେଣୁ ମହାନଦୀ ଜଳ ବିବାଦ ଟ୍ରିବ୍ୟୁନାଲର କାର୍ଯ୍ୟକାଳ ମଧ୍ୟ ୫ବର୍ଷ ଯାଏ ଯେ ନ ବଢ଼ିବ ସେପରି ଗ୍ୟାରେଣ୍ଟି ନାହିଁ । ତେଣୁ ଏହି ୫ବର୍ଷ ଓଡ଼ିଶା କେତେ ଜଳ ପାଇବ କିଏ କହିବ? ଶ୍ରୀ ହରିଚନ୍ଦନ ଓଡ଼ିଶାକୁ ପୂର୍ବଭଳି ମହାନଦୀରୁ ଜଳ ମିଳିବା ଆବଶ୍ୟକ ବୋଲି ଯାହା କହିଛନ୍ତି ତାହା ସଂପୂର୍ଣ୍ଣ ଯୁକ୍ତିଯୁକ୍ତ । ଏଥିସହିତ ଦଳମତ ନିର୍ବିଶେଷରେ ସମସ୍ତେ ଏକମତ ହେବା ଉଚିତ ବୋଲି ଆମେ ମନେକରୁ ।

ଠକଙ୍କୁ ବଡ଼ବଡ଼ିଆଙ୍କ ନିରବ ସମର୍ଥନ...!

ସତ କହିବାକୁ କିଆଁ ଡରିବି

◆

ଅମ୍ବିକା ପ୍ରସାଦ ଦାସ

◆

ସାଧାରଣ ଲୋକଟିଏ ମନ୍ତ୍ରୀଙ୍କ ପାଖରେ ତା'ର ହାରି-ଗୁହାରୀ ଜଣାଇବାରେ ବ୍ୟର୍ଥ ହେଉଥିବା ବେଳେ ଜେଲ୍ ଫେରନ୍ତା ତଥାକଥିତ ସମ୍ଭ୍ରାନ୍ତ ଠକ ଲୋକଟିର ମନ୍ତ୍ରୀଙ୍କ ଅନ୍ଦର ମହଲକୁ ଅବାଧ ପ୍ରବେଶ ଭଳି ସବୁଠି ସେଇ ଏକା ଅବସ୍ଥା । କ୍ଷମତାର ଯିଏ ଯେଉଁ ପାହାଚରେ ଥାଆନ୍ତୁ ନା କାହିଁକି ଯଦି ପ୍ରକୃତରେ ସେ ଠକ ଦଲାଲଙ୍କ ବଦଳରେ ସାଧାରଣ ଲୋକର ସ୍ୱର ଶୁଣିବାକୁ ଚେଷ୍ଟା କରୁଥାନ୍ତେ ଏବଂ ସେଇଆଡ଼କୁ କାନେଇବାକୁ ଚେଷ୍ଟା କରନ୍ତେ ତେବେ ହୁଏତ ନୀରବ ମୋଦିଙ୍କ ଭଳି ଲୁଟେରା ବ୍ୟାଙ୍କରୁ ଲୋକଙ୍କ ଟଙ୍କା ଲୁଟିବାର ସୁଯୋଗ ପାଇପାରନ୍ତେ ନାହିଁ ।

ନୀରବ ମୋଦୀ ପିଏନ୍‌ବିରୁ ୧୧ହଜାର ୩୦୦କୋଟି ଟଙ୍କା ଠକି ନେଇ ବିଦେଶକୁ ଚାଲିଯିବା ପରେ ଏବେ ଏଥିନେଇ ଖୁବ୍ ଚର୍ଚ୍ଚା ! ପ୍ରତିଦିନ ଏ ସଂକ୍ରାନ୍ତ ଅନେକ ରୋଚକ ଖବର ଖବରକାଗଜର ପୃଷ୍ଠା ମଣ୍ଡନ କରୁଛି । ସ୍ୱାଭାବିକ ଭାବେ ରାଜନୈତିକ ଆକ୍ଷେପ ପ୍ରତିଆକ୍ଷେପ ଜାରି ରହିଛି । ତେବେ ସାଧାରଣ ଲୋକ କହୁଛନ୍ତି–ଉପରୁ ମଦତ୍ ନମିଳିଲେ ବା ଉପରେ କାଟ୍‌ତି ନଥିଲେ ଜଣକୁ ଏତେ ପରିମାଣର ଟଙ୍କା ବ୍ୟାଙ୍କରୁ ସିଧା ବାଟରେ ହେଉ କି ବଙ୍କା ବାଟରେ ହେଉ ମିଳିବା ଆଦୌ ସମ୍ଭବ ନୁହେଁ ।

ଲୋକଙ୍କ ନାଁରେ ନେତାଏ ରାଜନୀତି କରନ୍ତି । ଏମାନଙ୍କ ଭାଷଣରେ ଜନତାଙ୍କ ପାଇଁ ବୁକୁଫଟା ଚିତ୍କାର ଶୁଭେ । ରେଳ ଲାଇନ୍‌ଠାରୁ ଅଧିକ ଲମ୍ବା ଭାଷଣ ! ଯିଏ ଯେତେ କହିପାରିଲା, ଯିଏ ଯେତେ କାନ୍ଦିପାରିଲା ସିଏ ସେତେ ବାନ୍ଧିପାରିଲା । କିନ୍ତୁ ଥରେ ଭାବିଲେ– କ୍ଷମତାଧର ନେତା କି ପ୍ରଶାସକଙ୍କ ପାଖରେ ସାଧାରଣ ଲୋକଙ୍କ କାଟ୍‌ତି କେତେ !

ଏକ ଅଙ୍ଗେନିଭା ଘଟଣାର ଅବତାରଣା କରୁଛି ଖାସ୍ ଆପଣମାନଙ୍କ ପାଇଁ । ଦେଖିବାକୁ ଗଲେ ଇଏ ସେମିତି କିଛି ବଡ଼ କଥା ନୁହେଁ, କିନ୍ତୁ ଆଜିକାଲି କ୍ଷମତାଧରଙ୍କ ପାଖରେ ସାଧାରଣ ଲୋକଙ୍କ ଅପେକ୍ଷା ଠକ, ଦଲାଲଙ୍କ କାଟ୍‌ତି କେମିତି ଅଧିକ ଓ ସେ ଦୃଷ୍ଟିରୁ ଲଳିତ ମୋଦୀ, ମାଲ୍ୟା, ନୀରବ ମୋଦୀଙ୍କ ଭଳି ବିଶ୍ୱ ଠକଙ୍କ କାରନାମା କିଭଳି ଗୋଟିଏ ଗୋଟିଏ ସ୍ୱାଭାବିକ ପ୍ରକ୍ରିୟା ଏଥିରୁ ଯେ କେହି ବୁଝିପାରିବେ । ଘଟଣାଟି ଏହିପରି–

ସାଧାରଣ ଭାବେ ମୁଁ ମନ୍ତ୍ରୀ/ଅଫିସରଙ୍କ ପାଖକୁ ଯାଇ ଲସରପସର ହେବାକୁ ପସନ୍ଦ କରେନା । ଜରୁରୀ ଆବଶ୍ୟକତା ନଥିଲେ ପ୍ରାୟ ଯାଏନି ଏମାନଙ୍କ ପାଖକୁ ।

ଗତ ସପ୍ତାହର ଏକ ଘଟଣା । ସରକାରୀ ବ୍ୟବସ୍ଥାରେ ଅନ୍ୟାୟର ଶିକାର ହୋଇଥିବା ଜଣେ ପରିଚିତ ଲୋକଙ୍କୁ ନ୍ୟାୟ ଦେବା ଆଶାରେ ସେଦିନ ଅଫିସ୍ ଯିବା ପୂର୍ବରୁ ସ୍ଥିର କଲି ବିଭାଗୀୟ ମନ୍ତ୍ରୀଙ୍କୁ ଭେଟିବାକୁ । ମନ୍ତ୍ରୀଙ୍କ ବାସଭବନ ଯେହେତୁ ଆମ ବାସଭବନର ଅନତି ଦୂରରେ ତେଣୁ ବିଶେଷ ସମୟ ଅପଚୟ ହେବନି ମନେକରି ସେଇ ରାସ୍ତାରେ ଗାଡ଼ି ଗଡ଼ିଲା । ଗେଟ୍ ଖୋଲି ଆମ ଗାଡ଼ି ପଶିଲା ଭିତରକୁ । ଦେଖିଲି– ସେଠି ଥାଟପାଟ ଲାଗିଛି । ଗହଳି ଭିତରେ ମନ୍ତ୍ରୀଙ୍କ ଅପେକ୍ଷାରେ ସମୟ ବରବାଦ୍ ନକରି ଫେରିଯିବାକୁ ସ୍ଥିରକଲି । କିନ୍ତୁ ମନ୍ତ୍ରୀଙ୍କ ଦରବାର କେମିତି ଚାଲିଛି ନିଜ ଆଖିରେ ଦେଖିବାକୁ ଉତ୍କଣ୍ଠା ଜାଗିଲା । ତେଣୁ ଅଟକିଗଲି କିଛି ସମୟ ପାଇଁ ।

ଦେଖିଲି– ସେଠି ଏକ ପ୍ରକୋଷ୍ଠରେ କ୍ୟାସ୍ କାଉଣ୍ଟର ଭଳି କାଉଣ୍ଟର ଖୋଲିଛି । ୨/୩ଜଣ କର୍ମଚାରୀ ବସିଛନ୍ତି । କମ୍ପ୍ୟୁଟର ଓ ଅନ୍ୟାନ୍ୟ ଆନୁସଙ୍ଗିକ ବ୍ୟବସ୍ଥା ବି ଅଛି ସେଠି । ପ୍ରକୋଷ୍ଠରେ ସାଧାରଣ ଲୋକଙ୍କ ଲାଗି ବୋଧେ ଉଚ୍ଚମାନର ବ୍ୟବସ୍ଥା ଥିବ ଭାବି ଧୀରେ ପ୍ରକୋଷ୍ଠ ଭିତରକୁ ପଶିଲି । କର୍ମଚାରୀଙ୍କ ଭିତରୁ ଜଣେ ପରିଚିତ ଯୁବକ ମୋତେ ଦେଖି ଚଉକିଟିଏ ପକାଇଦେଲେ ବସିବାକୁ । ଅଗତ୍ୟା ଚଉକିରେ ବସିଲି ମୁଁ । ଲକ୍ଷ୍ୟ କରୁଥାଏ ଲୋକ ଗହଳିକୁ । ନା ଗହଳି ଭିତରୁ ସେମିତି କିଛି ଲୋକ ଆସୁନଥାନ୍ତି ଏଇ ପ୍ରକୋଷ୍ଠକୁ । ବରଂ ମନ୍ତ୍ରୀଙ୍କ ଅଫିସ୍‌ର ପରିଚିତ ଲୋକ କିଛି ପ୍ରକୋଷ୍ଠକୁ ଆସି ପୁଣି ଫେରି ଯାଉଥା'ନ୍ତି । ଏହି ସମୟରେ ନଜର ପଡ଼ିଲା ଜଣେ ଧୋବଧାବଳିଆ ବାବୁଙ୍କ ଉପରେ । ଆଙ୍ଗୁଠିରେ ତାଙ୍କର ଗଣ୍ଡାଏ ମୁଦି । ବେକରେ ଦାମିକା ସୁନା ଚେନ୍ । ଧଳା ରଙ୍ଗର ଚୁଡ଼ିଦାର ପଞ୍ଜାବି ସାଙ୍ଗକୁ ଆଖିରେ କଳା ଚଷମା । ତାଙ୍କୁ ଦେଖି କର୍ମଚାରୀ ବି ବେଶ୍ ଗୁରୁତ୍ୱ ଦେଉଥିବାର ଲକ୍ଷ୍ୟ କଲି ।

ପଚାରିଲେ– ମନ୍ତ୍ରୀ କ'ଣ କରୁଛନ୍ତି ?

–ବାଥ୍‌ରୁମ୍‌ରୁ ବାହାରି ବ୍ରେକ୍‌ଫାଷ୍ଟ କରୁଛନ୍ତି । ଆଉ କିଛି ସମୟ ପରେ ସେକ୍ରେଟାରିଏଟ୍ ଯିବେ ।

ଏଥର ଏଇ ବାବୁଜଣକ ପଶିଲେ ଭିତରକୁ । ମାନେ ସିଧା ମନ୍ତ୍ରୀଙ୍କ ପାଖକୁ । ସାଧାରଣ ଲୋକେ ସେମିତି ଅପେକ୍ଷା କରିଥାନ୍ତି ବାହାରେ ମନ୍ତ୍ରୀଙ୍କ ଝଲକ୍ ଟିକେ ପାଇବାକୁ । ଅନତି ଦୂରରେ ଚେୟାରରେ ବସି ମୁଁ ଏ ସବୁ ଲକ୍ଷ୍ୟ କରୁଥାଏ । ସେଇ ପରିଚିତ କର୍ମଚାରୀଙ୍କ ଉଦ୍ଦେଶ୍ୟରେ କହିଲି– ଯେଉଁ ଧୋବଧାବଳିଆ ବାବୁ ଭିତରେ ପଶିଲେ ଇଏ ସେଇ ଲୋକଟି, ଯିଏ ଠକେଇ କରି ଜେଲ୍ ଯାଇଥିଲେ ! ସିଲଟ ଲାଗିଥିଲା ତାଙ୍କ ଛାତିରେ ! ମୋ ପାଟିରୁ ଏଇ ଦୁଇପଦ ସରିଛି କି ନାହିଁ କର୍ମଚାରୀ ଜଣକ ମୋ ପାଟିରେ ହାତରଖି କିଛି ନକହିବାକୁ ଅନୁରୋଧ କଲେ । ବିଚରାର ଚାକିରିକୁ ହାଲ୍ ଭୟ । ଯଦି ଉପରବାଲାଙ୍କ କାନରେ ପଡ଼ିଯିବ ତା' ବଦଳିଟା ଥୟ । ଉକ୍ତ କର୍ମଚାରୀ ଜଣକୁ ଆଶ୍ୱସ୍ତ କରି ପ୍ରକୋଷ୍ଠରୁ ବାହାରି ଦେଖିଲି ଲୋକେ ସେମିତି ଅପେକ୍ଷା କରିଥାନ୍ତି । ଏଥର ମନ୍ତ୍ରୀ ବାହାରିଲେ । ମାତ୍ର ୨/୩ ମିନିଟ୍‌ରେ ସେମାନଙ୍କ ମନ ବୁଝାଇବାକୁ ଯାଇ କାହାଠୁ କ'ଣ କାଗଜ ନେଇ ଗାଡ଼ିରେ ବସି ଚାଲିଗଲେ । ପ୍ରାୟ ଅଧଘଣ୍ଟାର ଏଇ କାର୍ଯ୍ୟକଳାପ ଦେଖିବା ପରେ ନେତାଙ୍କ ଭାଷଣ ଓ ଚଳଣୀ ଭିତରର ଫରକ୍‌କୁ ମାପି ଚାଲିଥିଲି ମନେ ମନେ ।

ପରଦିନ ଏକ ନ୍ୟୁଜ୍ ଚ୍ୟାନେଲ୍‌ରେ ଚାଲିଥିବା ବ୍ରେକିଂ ନ୍ୟୁଜ୍ ଉପରେ ଦୃଷ୍ଟି ପଡ଼ିଲା । ସାଧାରଣ ଲୋକଙ୍କୁ ଚୂନ ଲଗାଇ ନୀରବ ମୋଦୀ କେମିତି ସରକାରୀ ବ୍ୟାଙ୍କରୁ ୧୧ହଜାର କୋଟିରୁ ଉର୍ଦ୍ଧ୍ୱ ଟଙ୍କା ନେଇ ବିଦେଶକୁ ପାର୍ ହୋଇଯାଇଛନ୍ତି ତା'ର ବିସ୍ତୃତ ବିବରଣୀ ପ୍ରସାରିତ ହେଉଥାଏ ରିପୋର୍ଟରେ । ଏଇ ରିପୋର୍ଟ ଯଦି ପ୍ରସାରିତ ହୋଇନଥାନ୍ତା ତେବେ ଆହୁରି କେତେ ଯେ ଟଙ୍କା ତାଙ୍କ ଦ୍ୱାରା ହଡ଼ପ ହୋଇଥାନ୍ତା କିଏ ଜାଣେ ! କେନ୍ଦ୍ର ସରକାରଙ୍କ ନିକଟରେ ଏଥିନେଇ ତିନିବର୍ଷ ତଳୁ ଖବର ଥିଲେ ହେଁ ସମସ୍ତେ ଜାଣି ନଜାଣିଲା ଭଳି ଚୁପ୍ ଥିଲେ । କିନ୍ତୁ ନ୍ୟୁଜ୍ ଚାନେଲ୍ ଜରିଆରେ ଲୋକେ ଠକେଇ ଘଟଣା ଜାଣିଯିବା ପରେ ସରକାର ଜାଗିଲେ । ସିବିଆଇ–ଇଡି–ଝାଡ଼ିଝୁଡ଼ି ହୋଇ ଠକଙ୍କୁ ଧରିବା ପାଇଁ ଲାଗିପଡ଼ିଲେ । ହେଲେ ମୁଖ୍ୟ ଠକ ତ ପାର୍, ଧରିବେ କାହାକୁ ? ବରଂ କେଉଁ ବ୍ୟାଙ୍କ କର୍ମଚାରୀ ଠକଙ୍କୁ ମଦତ୍ ଦେଇଥିଲେ ତା' ଉପରେ ଫୋକସ୍ ରହିଲା ଅନୁସନ୍ଧାନକାରୀ ସଂସ୍ଥାର । ସେମାନଙ୍କ ମଧ୍ୟରୁ କେତେକଙ୍କୁ ଧରି ଆମେ କିଛି କଲୁଣି... ବୋଲି ଧାରଣା ସୃଷ୍ଟି କରାଗଲା ଲୋକଙ୍କ ମନରେ । କିନ୍ତୁ ଲୋକେ ପଚାରୁଛନ୍ତି– ଏ ଚୂନା ମାଛଙ୍କୁ ଧରି କି ଲାଭ ? ରୋହି–ଭାକୁଡ଼ଙ୍କୁ ଛାଡ଼ି ଦିଆଯାଇଛି କେବେଠୁ ! ସେମାନେ ଲୋକଙ୍କ ଟଙ୍କାରେ ବିଦେଶରେ ଆରାମ କରୁଛନ୍ତି ପରିବାର ସଦସ୍ୟଙ୍କ ସହିତ ।

କିଛିବର୍ଷ ହେବ ଆମ ଦେଶରେ ଦେଖିବାକୁ ମିଳୁଛି ଏମିତି ଅବସ୍ଥା । ଏଠୁ ଲୁଟ୍‌ପାଟ୍ କରି ଟଙ୍କା ଠୁଳ କଲାପରେ ହଠାତ୍ ଦିନେ ଲୁଟେରା ହାୱା ହୋଇଯାଉଛନ୍ତି । ଖୋଜାପଡ଼ିଲା ବେଳକୁ ସେମାନେ ବିଦେଶରେ । ସେ ଲଳିତ ମୋଦୀ ହୁଅନ୍ତୁ କି ମଦ ବେପାରୀ ମାଲ୍ୟା ହୁଅନ୍ତୁ କି ଏବର ହୀରା ବେପାରୀ ନୀରବ ମୋଦୀ, ସମସ୍ତଙ୍କର କେସ୍ ହିଷ୍ଟ୍ରି ସମାନ ।

ବିମୁଦ୍ରୀକରଣ ବେଳେ ଲୋକେ ଯାହା ଘରେ ରଖିଥିଲେ ତାକୁ ଆଣି ବ୍ୟାଙ୍କରେ ଜମା କରିଦେଲେ । ମୁଣ୍ଡ ଝାଳ ତୁଣ୍ଡରେ ମାରି ଯିଏ ବି ଯାହା ହଜାରେ ଟଙ୍କିଆ କି ୫ଶହ ଟଙ୍କିଆ ନୋଟ୍ ରଖିଥିଲେ ତାକୁ ଜମା କଲେ ବ୍ୟାଙ୍କରେ । ଲୋକଙ୍କ ଧାରଣା– ଘରେ ଟଙ୍କା ରଖିଲେ କାଳେ ଚୋର ପଶି ନେଇଯାଇପାରେ ! କିନ୍ତୁ ଏବେ ବ୍ୟାଙ୍କରୁ ଧୋବଧାବଳିଆ ଡକାୟତମାନେ ଯୋଜନାବଦ୍ଧ ଭାବେ ଲୋକଙ୍କ ଟଙ୍କାକୁ ଚଲୁ କରି ଚାଲିଲେଣି ! ଏମାନେ ଏମିତି ଟଙ୍କା ନେଇ ପାର୍ ହୋଇଯାଉଥିବେ ! ସରକାର ବାହାଦୂର ପୁଣି ଲୋକଙ୍କଠୁ ଟଙ୍କା ନେଇ ବ୍ୟାଙ୍କକୁ ଦେଇ ଚାଲିଥିବେ । ଯେମିତି ଏବେ ଦେଉଛନ୍ତି । ପରିଣାମସ୍ୱରୂପ ଲୋକେ ଚଢ଼ା ଦାମ୍‌ରେ ଜିନିଷ କିଣିବେ– ଚଢ଼ା ଟିକସ ଦେବେ ସରକାରଙ୍କୁ । ସରକାର ପେଟ ଭର୍ତ୍ତି କରିବେ ଲୁଟେରାଙ୍କର । ଖାସ୍ ଏଇ କାରଣରୁ ଆମ ଦେଶରେ ପେଟ୍ରୋଲ ଡିଜେଲ ଠାରୁ ନେଇ ଜିନିଷପତ୍ରର ଦାମ୍ ଅନ୍ୟ ପଡ଼ୋଶୀ ଦେଶ ତୁଳନାରେ ଢେର ଅଧିକ । ତେଣୁ ଟିକସ ଗଣି ଗଣି ନୟାନ୍ତ ଲୋକଙ୍କ ମନରେ ଏବେ ଯେଉଁ ପ୍ରଶ୍ନ ଉଙ୍କି ମାରିଲାଣି ତା'ର ଉତ୍ତର ଆଗକୁ କ୍ଷମତାଧରଙ୍କୁ ହିଁ ଦେବାକୁ ପଡ଼ିବ । ବଡ଼ବଡ଼ିଆଙ୍କ ସହିତ ଏଇ ବଡ଼ ଠକଙ୍କ ସୁସମ୍ପର୍କ ନଥିଲେ କେବେ ବି ବ୍ୟାଙ୍କର ତଳିଆ କର୍ମଚାରୀ ସେମାନଙ୍କୁ ହଜାର ହଜାର କୋଟି ଟଙ୍କା ଟେକିଦେବା ସମ୍ଭବପର ହୁଅନ୍ତା ନାହିଁ ।

ଗରିବ, ମଧ୍ୟବିତ୍ତ ଏବଂ ସାଧାରଣ ଲୋକଙ୍କୁ ସହଜରେ ବ୍ୟାଙ୍କରୁ ଋଣ ମିଳେନି । ନିଜ ପରିଶ୍ରମରେ ଆଗକୁ ବଢୁଥିବା ମଧ୍ୟବିତ୍ତ ଯୁବକଟିଏ ବ୍ୟାଙ୍କ ଋଣ ପାଇଁ ଗଲେ ସିକ୍ୟୁରିଟି– ଡକ୍ୟୁମେଣ୍ଟେସନ୍ ନାଁରେ ନାନା ହରକତ କରିଥାନ୍ତି ବ୍ୟାଙ୍କ କର୍ମକର୍ତ୍ତା । କିନ୍ତୁ ନୀରବ ମୋଦୀ ଭଳି ଲୋକଙ୍କୁ ତଳୁ ଉପର ଯାଏଁ ବ୍ୟାଙ୍କ କର୍ମକର୍ତ୍ତା ନିରବରେ ସମର୍ଥନ ଦିଅନ୍ତି । ମୋଟଉପରେ ଯିଏ ଦେଇ–ନେଇ ପାରିଲା ତା' ପାଇଁ ସବୁ ରାସ୍ତା ଖୋଲା– କେରାଣ୍ଡି ଗୁଛି, ବାଳିଆ ମାରି ସେମାନେ ପାର୍ । ପରେ ଲୋକଲଜ୍ଜାରୁ ବର୍ତ୍ତିବା ପାଇଁ ଚାଲେ ଚଢ଼ଉ ଭେଳିକି ।

ଚିଟ୍‌ଫଣ୍ଡରେ ବି ସେଇ ଏକା କଥା ଦେଖିବାକୁ ମିଳିଥିଲା ଆମ ରାଜ୍ୟରେ । କିଛି ଲୋକ ସାଧାରଣ ଜନତାଙ୍କ ଟଙ୍କାରେ ମଉଜ କଲେ । ଧରପଗଡ଼ରେ ଧରାପଡ଼ି କିଛିଦିନ ଲାଗି ଜେଲ୍ ଯାଇଥିଲେ । ଏବେ ପୁଣି ଛାତି ଫୁଲାଇ ବୁଲିଲେଣି ବାହାରେ । ମୋଟଉପରେ କ୍ଷମତାଧରଙ୍କ ସହ ସେମାନଙ୍କର ସବୁବେଳେ ବସାଉଠା ଓ ସେଇମାନଙ୍କ ଠାରୁ ମଦତ୍ ମିଳୁଥିବାରୁ ସେମାନେ ଲୋକଙ୍କ ଟଙ୍କାକୁ ଚଲୁ କରିବାକୁ ସାହସ କରୁଛନ୍ତି । ଚଲୁ ଟଙ୍କାରୁ ନେତା–ଚେଲା ଚାମୁଣ୍ଡାଙ୍କୁ କିଛି ଦିଅନ୍ତି । ଆଉ ଯେତେବେଳେ ଲୋକେ ତାତନ୍ତି ସେମାନଙ୍କୁ ଚକ୍‌ମା ଦେଖାଇବା ଲାଗି ଧରପଗଡ଼ ଡ୍ରାମା ଚାଲେ । ଯଦି ପ୍ରକୃତପକ୍ଷେ ବଡ଼ବଡ଼ିଆଙ୍କର ସମର୍ଥନ ସେମାନଙ୍କ ପ୍ରତି ରହୁନଥାନ୍ତା ସେମାନେ କେବେ ଲୋକଙ୍କର ଏପରି ବିପୁଳ ଟଙ୍କା ଲୁଟ୍ କରିବାକୁ ସାହସ କରିପାରନ୍ତେ ନାହିଁ କି ଲୁଟ୍ ସରିଲା ପରେ ଅବାଧରେ ବିଦେଶକୁ ଚାଲିଯା'ନ୍ତେ ନାହିଁ ।

ପୂର୍ବ ବର୍ଣ୍ଣିତ ଅଙ୍ଗେନିଭା ଘଟଣାରେ ସାଧାରଣ ଲୋକଟିଏ ମନ୍ତ୍ରୀଙ୍କ ପାଖରେ ତା'ର ହାରି–ଗୁହାରୀ ଜଣାଇବାରେ ବ୍ୟର୍ଥ ହେଉଥିବା ବେଳେ ଜେଲ୍ ଫେରନ୍ତା ତଥାକଥିତ ସମ୍ଭ୍ରାନ୍ତ ଠକ ଲୋକଟିର ମନ୍ତ୍ରୀଙ୍କ ଅନ୍ଦର ମହଲକୁ ଅବାଧ ପ୍ରବେଶ ଭଳି ସବୁଠି ସେଇ ଏକା ଅବସ୍ଥା । କ୍ଷମତାର ଯିଏ ଯେଉଁ ପାହାଚରେ ଥାଆନ୍ତୁ ନା କାହିଁକି ଯଦି ପ୍ରକୃତରେ ସେ ଠକ ଦଲାଲଙ୍କ ବଦଳରେ ସାଧାରଣ ଲୋକର ସ୍ୱର ଶୁଣିବାକୁ ଚେଷ୍ଟା କରୁଥାନ୍ତେ ଏବଂ ସେଇଆଡ଼କୁ କାନେଇବାକୁ ଚେଷ୍ଟା କରନ୍ତେ ତେବେ ହୁଏତ ନୀରବ ମୋଦୀଙ୍କ ଭଳି ଲୁଟେରା ବ୍ୟାଙ୍କରୁ ଲୋକଙ୍କ ଟଙ୍କା ଲୁଟିବାର ସୁଯୋଗ ପାଇପାରନ୍ତେ ନାହିଁ ।

ମହାରାଜା ଶ୍ରୀରାମଚନ୍ଦ୍ର ଭଞ୍ଜଦେଓ

ଡ. ଅରୁନ୍ଧତୀ ଦେବୀ

ମହାପ୍ରୟାଣ ଦିବସ ଅବସରରେ...

ମହାରାଜା ଶ୍ରୀରାମଚନ୍ଦ୍ର ଭଞ୍ଜଦେଓ ଥିଲେ ଯୋଗଜନ୍ମା ପୁରୁଷ। ମୟୂରଭଞ୍ଜର ରାଜା ଥିଲେ ହେଁ ନିଜର ଅସାଧାରଣ ପ୍ରତିଭା ଓ ପ୍ରଚେଷ୍ଟା ଦ୍ୱାରା ସାରା ଓଡ଼ିଶାର ରାଜନୀତିକ, ସାମାଜିକ ଓ ସାଂସ୍କୃତିକ କ୍ଷେତ୍ରକୁ ଗଭୀର ଭାବେ ପ୍ରଭାବିତ କରିଥିଲେ। ସେ ଥିଲେ ସ୍ୱଦେଶୀପ୍ରେମୀ ଶାସକ । ଓଡ଼ିଆ ଜାତିକୁ ଉଚ୍ଚ କରିବା ପାଇଁ ସଦା ଚେଷ୍ଟାରତ ଥିଲେ । ଉତ୍କଳ ସମ୍ମିଳନୀର ପ୍ରଥମ ଅଧିବେଶନରେ ସେ ସଭାପତିତ୍ୱ କରିଥିଲେ । ୧୯୦୩ ଡିସେମ୍ବର ୩୦ ତାରିଖରେ କଟକସ୍ଥିତ ଇଦଗା ପଡ଼ିଆରେ ଅନୁଷ୍ଠିତ ହୋଇଥିଲା, ସେହି ଐତିହାସିକ ଅଧିବେଶନ । ମହାରାଜା ଭଞ୍ଜଦେଓ ସମସ୍ତଙ୍କ ଗହଣରେ ତଳେ ବସି ସଭା କାର୍ଯ୍ୟ ଆରମ୍ଭ କରିଥିଲେ । ରାଜକୁଳରେ ଜନ୍ମ ହୋଇ ତଥା ବିପୁଳ ସମ୍ପତ୍ତିର ଅଧିକାରୀ ହୋଇ ମଧ୍ୟ ସେ ସାଧାରଣ ଲୋକଙ୍କ ଭଳି ଜୀବନଯାପନ କରୁଥିଲେ । ରାଜକୋଷର ଅର୍ଥକୁ ନିଜର ବୋଲି ଭାବୁନଥିଲେ । ବିଳାସବ୍ୟସନ, ଚାକଚକ୍ୟ ପ୍ରତି ଆଗ୍ରହ ନଥିଲା । ରାଜପ୍ରାସାଦର ଏକ ସାଧାରଣ କୋଠରିରେ ରହୁଥିଲେ। ଖାଦ୍ୟପେୟରେ ମଧ୍ୟ ଥିଲେ ସଂଯମୀ । ଯେତେବେଳେ ଯାହା ମିଳୁଥିଲା ବାଛବିଚାର ନକରି ଖାଉଥିଲେ। ସେ ଥିଲେ ଶୁଦ୍ଧ ଶାକାହାରୀ । ସୁରାପାନ ମଧ୍ୟ କରୁ ନଥିଲେ । ଅନୁଚରଙ୍କୁ ନ ନେଇ ଏକୁଟିଆ ରେଳରେ ଯାତ୍ରା କରୁଥିଲେ । ଟିକେଟ କିଣିବା ପାଇଁ ଧାଡ଼ିରେ ଛିଡ଼ା ହେଉଥିଲେ। ସେ ଥିଲେ ପ୍ରଜାବତ୍ସଳ, ପରୋପକାରୀ । ନିଜେ ଉଚ୍ଚଶିକ୍ଷିତ ନ ଥିଲେ ହେଁ ଶିକ୍ଷା, ସାହିତ୍ୟ ପ୍ରତି ଅନୁରାଗ ଥିଲା । ସାହିତ୍ୟିକମାନଙ୍କୁ ଅନୁପ୍ରାଣିତ ଉତ୍ସାହିତ କରୁଥିଲେ । କବିବର ରାଧାନାଥ, ସ୍ୱଭାବକବି ଗଙ୍ଗାଧର, ସରସ୍ୱତୀ ଫକୀରମୋହନଙ୍କ ସହ ତାଙ୍କର ବନ୍ଧୁତା ଥିଲା । କବିବର ଲେଖିଯାଇଛନ୍ତି ରବି ରୂପେ ଏବେ ଉଦୟ ଅଚଳେ, ରବି ବଂଶ ମଣି ଉଦିତ ଉତ୍କଳେ, ଶ୍ରୀମାନ୍ ଶ୍ରୀରାମଚନ୍ଦ୍ର ଆଖ୍ୟାଧାରୀ, ଉତ୍କଳ–ଅଜ୍ଞାନ–ତମ–ଧ୍ୱଂସକାରୀ । ସେ ଥିଲେ ଶିକାର ପ୍ରିୟ । ଆଉ ଶିକାର ଯୋଗୁଁ ହିଁ ତାଙ୍କର ପ୍ରାଣ ଯାଇଥିଲା । ରୁପ୍‌ସା–ବାରିପଦା ରେଳପଥର ସଂପ୍ରସାରଣ କାର୍ଯ୍ୟ ଚାଲିଥିବାବେଳେ ରେଳବାଇର କିଛି ଉଚ୍ଚ କର୍ମକର୍ତ୍ତା ପରିଦର୍ଶନରେ ଆସି ମହାରାଜା ଭଞ୍ଜଦେଓଙ୍କ ଆତିଥ୍ୟ ଗ୍ରହଣ କରିଥିଲେ । ରାତିରେ ଶିକାରର ଆୟୋଜନ କରାଯାଇଥିଲା । ଗୋଟିଏ ମଞ୍ଚରେ ମହାରାଜା ଏବଂ ଅନ୍ୟ ଏକ ମଞ୍ଚରେ ଅନ୍ୟମାନେ। ଦୁଇଟି ଭାଲୁ, ସେହି ସ୍ଥାନକୁ ଆସି ଗୁଳି ଖାଇଲେ । ଗୋଟିଏ ଟଳି ପଡ଼ିଲା ଏବଂ ଅନ୍ୟଟି ଆହତ ଅବସ୍ଥାରେ ଜଙ୍ଗଲ ଭିତରକୁ ପଳାଇଲା । ମହାରାଜା ମଞ୍ଚରୁ ତଳକୁ ଓହ୍ଲାଇଲେ । ସେ ପିନ୍ଧିଥିଲେ କଳା ପୋଷାକ । ଅନ୍ଧକାରରେ ତାଙ୍କୁ ଭାଲୁ ଭାବି, ଅନ୍ୟ ମଞ୍ଚର ଶିକାରୀମାନେ ଗୁଳି କଲେ । ଫଳରେ ସେ ଗୁରୁତର ଆହତ ହୋଇଥିଲେ। ଚିକିତ୍ସା ସତ୍ତ୍ୱେ ୧୯୧୨ ଫେବୃଆରୀ ଆଜିର ଦିନରେ ମାତ୍ର ବୟାଳିଶ ବର୍ଷ ବୟସରେ ତାଙ୍କର ପରଲୋକ ହୋଇଥିଲା । ଶୋକ ପ୍ରକାଶ କରି ଭକ୍ତକବି ମଧୁସୂଦନ ଲେଖିଥିଲେ ଭଞ୍ଜ ଭୂମିପତି ଶ୍ରୀରାମଚନ୍ଦ୍ର, କୋଟି ହୃଦାକାଶ ପୂର୍ଣ୍ଣିମା ଚନ୍ଦ୍ର, କୋଟି ହୃଦୟର ଆଶା ଆସ୍ପଦ, ଜୀବଜଗତର ଯଥା ଜଳଦ, କାହିଁଗଲେ ମହାବାହୁ, ଅକାଳ ଦୈବ ଦୁର୍ବିପାକେ, ବିଧୁକୁ ଗ୍ରାସିଲା ରାହୁ ।

ମୋ. ୯୪୩୭୧୨୪୫୭୨

ପରୀକ୍ଷା ପାଇଁ ପ୍ରସ୍ତୁତି କିପରି ହେବ?

■ ଡାକ୍ତର ସମ୍ରାଟ କର ■

ପରୀକ୍ଷା ପୂର୍ବରୁ ପ୍ରସ୍ତୁତି : ପ୍ରଥମେ ଖାଇବା ଓ ଶୋଇବା ବିଷୟରେ ଆଲୋଚନା କରିବା । ଶୋଇବାର ପ୍ରାୟ ଅଧ ଘଣ୍ଟାଏ ପୂର୍ବରୁ ପଢ଼ିବା କଥା ନୁହେଁ । କେତେଜଣ ବହି ଧରି ଶୁଅନ୍ତି । ଏପରି ହେଲେ ନିଦରେ ବା ସ୍ୱପ୍ନରେ ମଧ୍ୟ କେବଳ ପାଠ ମନେ ପଡ଼ିବ । ଦିନସାରା ମନ ଅସ୍ଥିର ଓ ବାଉଳା ଲାଗିବ। ପ୍ରତିଦିନ ୬ରୁ ୮ଘଣ୍ଟା ଶୋଇବାର ଅଭ୍ୟାସ କର । ପ୍ରତ୍ୟେକ ପ୍ରଶ୍ନକୁ ଭାବିକି ଲେଖିବା ପାଇଁ ପରୀକ୍ଷା ହୁଏ । ଠିକ୍ ଭାବେ ନ ଶୋଇଲେ, ଭାବନା ମଧ୍ୟ ସଠିକ ହେବନାହିଁ। ପ୍ରଶ୍ନର ଉତ୍ତର ଭାବିକି ଲେଖିବାରେ ଅସୁବିଧା ହେବ । ମଧ୍ୟାହ୍ନ ଓ ରାତ୍ରିଭୋଜନ ଆଦି ଭାରୀ ଖାଦ୍ୟ ଖାଇବାର ଅଧ ଘଣ୍ଟାରୁ ଘଣ୍ଟାଏ ମଧ୍ୟରେ ପାଠ ପଢ଼ ନାହିଁ । ଏହି ସମୟରେ ପାକସ୍ଥଳୀକୁ ଅଧିକ ଓ ମସ୍ତିଷ୍କକୁ ଟିକିଏ କମ୍ ରକ୍ତ ସଞ୍ଚାଳନ ହୁଏ । ଟିକିଏ ନିଦୁଆ ଲାଗେ । ପାଠ ଠିକ୍ ଭାବେ ମନେ ରହେ ନାହିଁ । ନିଜେ ନିଜକୁ ପ୍ରଶ୍ନ କରି ସୂଚୀ ପ୍ରସ୍ତୁତ କର । କେଉଁ ପାଠ ଅଛି? କେଉଁଟା ଗୁରୁତ୍ୱପୂର୍ଣ୍ଣ ପାଠ? କଅଣ ମନେ ରହୁନାହିଁ? ପାଠଟି ବୁଝିକରି ମନେ ରଖିବା ପାଇଁ କେତେ ସମୟ ଲାଗିବ? ଏହାଠାରୁ ପ୍ରାୟ ଦେଢ଼ଗୁଣ ଅଧିକ ସମୟ ହାତରେ ରଖ । ନିଜର ସ୍କୁଲ, ଟିଉସନ୍, ଖାଇବା ଓ ଖେଳିବା ଇତ୍ୟାଦିରେ କେତେ ସମୟ ଯାଉଛି ଲେଖିରଖ । ତେଣୁ ଦିନର କେଉଁ ସମୟରେ କେତେ ପାଠ ପଢ଼ିବ ଜାଣିପାରିବ । ଗୃହିଣୀ ଓ ଚାକିରି କରି ପାଠ ପଢୁଥିବା ପିଲାମାନେ ଘରକାମ, ଅଫିସକାମ ଓ ପିଲାକାମ ସାରି ପଢ଼ି ବସନ୍ତୁ । ତାହେଲେ ମନ ଅସ୍ଥିର ହେବନାହିଁ । ପାଠରେ ମନ ଲାଗିବା ପାଠପଢ଼ା ପରିବେଶକୁ ଠିକ୍ ରଖ। ପାଖରେ ଖାତା, ପେନ୍, ପେନ୍‌ସିଲ ଓ ଘଣ୍ଟାକୁ ରଖିବ। ବହିଗୁଡ଼ିକ ଠିକ ଜାଗାରେ ଶୃଙ୍ଖଳିତ କରି ରଖିଲେ କାଢ଼ିବା ସମୟରେ ସହଜ ହେବା ଅଧିକ ସମୟ ନଷ୍ଟ ହେବନାହିଁ ଓ ମନ ଅସ୍ଥିର ହେବନାହିଁ ଏକାଥରକେ ଚାରି ପାଞ୍ଚଘଣ୍ଟା ବସି ପାଠ ପଢ଼ ନାହିଁ । ପ୍ରାୟ ୪୫ ମିନିଟରୁ ୧ ଘଣ୍ଟା ପଢ଼ିବା ପରେ ପାଞ୍ଚ ଦଶ ମିନିଟର ବ୍ରେକ୍ ନିଅ । ଏହିସମୟରେ ଅଲଗା କିଛି କର । ନିତିଦିନିଆ ଅଭ୍ୟାସ ରଖ । ଖାଇବା ଓ ଶୋଇବା ହଠାତ୍ କମ କରନାହିଁ । ନିଜେ ନିଜକୁ ପୁରସ୍କାର ଦିଅ। ଉଦାହରଣ : ଆଜି ଯଦି ମୁଁ ଏତିକି ପାଠ ସାରିଦେବି, ତେବେ ମୁଁ ଏତିକି ସମୟ ଖେଳିବି ବା ଟିଭି କାର୍ଯ୍ୟକ୍ରମ ଦେଖିବି । ପରୀକ୍ଷା ପ୍ରଶ୍ନର ଉତ୍ତର ଦେବା ପାଇଁ ପ୍ରସ୍ତୁତି : (କ) ଶେଷ ଦଶ ବର୍ଷର ପରୀକ୍ଷା ପ୍ରଶ୍ନ ଆଣି ପାଖରେ ରଖ । କେଉଁ ପ୍ରକାର ପ୍ରଶ୍ନ ପଡୁଛି ଲକ୍ଷ୍ୟ କର । ବର୍ତ୍ତମାନ ନିଜକୁ ପ୍ରଶ୍ନ କର ଯେ କେଉଁ ପ୍ରକାର ପଢ଼ିବ ଓ କିପରି? ନିଜ ପାଖରେ କଅଣ ଅଛି? ବହି, ଟେଷ୍ଟପେପର ଓ ନୋଟସ୍ ଆଦିକୁ ଶୃଙ୍ଖଳିତ ଭାବେ ରଖ । (ଖ) ଯେ କୌଣସି ବିଷୟ ପଢ଼ିବା ସମୟରେ ଏହାର ଶିରୋନାମା ବା ଶୀର୍ଷରେ ଉଲ୍ଲେଖିତ ବିଷୟ ଓ ଏଥିରେ ଥିବା ମୁଖ୍ୟ କଳ୍ପନା ବା ଭାବନା ଖୁବ୍ ଭଲଭାବେ ବୁଝ ଓ ମନେରଖ । ଧୀରେ ଧୀରେ ବାକି ପାଠ ମଧ୍ୟ ମନେ ରହିବ । (ଗ) ଯେଉଁ ବିଷୟଟିକୁ ପଢ଼ିଲ, ସେ ବିଷୟଟିକୁ ପରେ ମନେ ପକାଅ, ଲେଖ ଓ ବନ୍ଧୁମାନଙ୍କ ସହିତ ଆଲୋଚନା କର । (ଘ) କେତେ ବୁଝିଲ ଓ ମନେ ରଖିଲ ଏହା ନିଜେ ନିଜକୁ ପ୍ରଶ୍ନ କର । ଆଉଥରେ ବିଷୟଟିକୁ ପଢ଼ ।

ପରୀକ୍ଷା ସମୟରେ ପିଲାମାନେ ଅଭିଯୋଗ କରନ୍ତି ଯେ, ମନ ଅସ୍ଥିର ରହୁଛି ଓ କୌଣସ ପାଠ ଠିକ୍ ଭାବେ ମନେ ରହୁନାହିଁ। ମନ ଅସ୍ଥିର ହେବା : ପାଠ ପଢ଼ିବା ସମୟରେ ମନ ଅସ୍ଥିର ହୋଇ କୁଆଡ଼େ ପଳାଏ, ସେଠୁ ପୁଣି ଆଉ କୁଆଡ଼େ। ଆମେ ବାହାରୁ ଦେଖିଲେ ଲାଗେ ଯେପରି ପିଲାଟି ପାଠ ପଢୁଛି । ମାତ୍ର ସେ ଖେଳ କଥା, ସାଙ୍ଗମାନଙ୍କ କଥା ଓ ଟିଭି କାର୍ଯ୍ୟକ୍ରମ ବିଷୟରେ ଭାବୁଥାଏ । କାରଣ : ମନ ଅସ୍ଥିର ହେବାର ମୁଖ୍ୟ କାରଣ ହେଉଛି ମାନସିକ ଚାପ। ଏହି ଚାପ ଘରେ ଓ ବାହାରେ ହୋଇଥିବା ଗଣ୍ଡଗୋଳ, ଆର୍ଥିକ ଅନଟନ, ନିଜ ଲୋକଙ୍କ ଦେହ ଖରାପ ଇତ୍ୟାଦି ଯୋଗୁଁ ହୋଇପାରେ । ଭୋଜିଭାତ, ଭଲ ଟିଭି କାର୍ଯ୍ୟକ୍ରମ ବା ଖେଳିବାର ମନ ଥିଲେ ମଧ୍ୟ ମାନସିକ ଚାପ ପଡ଼ି ମନ ଅସ୍ଥିର ରହେ । ମାନସିକ ସମସ୍ୟା ଯଥା ମାନସିକ ବିଷାଦ ଓ ଉଦ୍‌ବେଗ ଯୋଗୁଁ ମଧ୍ୟ ଏହା ହୋଇପାରେ ।

ମନକୁ କିପରି ସ୍ଥିର ରଖିବ : ଶାନ୍ତ ପରିବେଶରେ ପାଠପଢ଼ । ଭଲ ଭାବେ ତାଲିକା ଓ ସୂଚୀ ପ୍ରସ୍ତୁତି କରି ସେଇ ଅନୁସାରେ ପାଠ ପଢ଼ । ମନ ଅସ୍ଥିର ହେଲେ ନିଜେ ନିଜକୁ କୁହ ନା ମୁଁ ଏଥର ପାଠ ପଢ଼ିବି । କେତେ ଜଣ ପିଲା ପରୀକ୍ଷା ପୂର୍ବରୁ ଅତ୍ୟଧିକ ଛାନିଆ ହୋଇ ପାଠ ପଢ଼ନ୍ତି ନାହିଁ କିମ୍ବା ପାଠ ଭୁଲି ଯାଆନ୍ତି । ଭଲକରି ପାଠ ମନେଥିଲେ ମଧ୍ୟ ପରୀକ୍ଷାରେ ଲେଖିପାରନ୍ତି ନାହିଁ । ପରୀକ୍ଷା ପୂର୍ବରୁ ଅଳ୍ପ ଛାନିଆ ହେଲେ ଭଲ । ପାଠ ପଢ଼ାରେ ମନ ଲାଗିବ ଓ ମନେ ରଖିବା ସହଜ ହେବ । ମାତ୍ର ଅତ୍ୟଧିକ ଛାନିଆ କେବଳ ନିଜ ପାଇଁ ହିଁ ଖରାପ । ପରୀକ୍ଷା ବିଷୟରେ ଅତ୍ୟଧିକ ଭାବିଲେ ମନରେ ଛାନିଆ ପଶେ । ଯଥା – ପାଠ କିପରି ପଢ଼ିବି? କିପରି ମନେ ରଖିବି? ପ୍ରଶ୍ନ କଅଣ ପଡ଼ିବ? ପରୀକ୍ଷା ଫଳ କଅଣ ହେବ? ପରୀକ୍ଷା ଫଳ ଦେଖି ଅନ୍ୟମାନେ କଅଣ ଭାବିବେ ଓ କହିବେ?

ଅଧିକାଂଶ ପିଲା ଅଭିଯୋଗ କରନ୍ତି ଯେ, ସ୍ମରଣଶକ୍ତି ବ୍ୟାଘାତ ହେଉଛି। ପରୀକ୍ଷା ପୂର୍ବରୁ ଭଲ କରି ପାଠପଢ଼ି ମନେ ରଖିଥିଲେ ମଧ୍ୟ କିଛି ପାଠ ମନେ ନାହିଁ ଓ ପରୀକ୍ଷାରେ ଫେଲ ହେବେ । ପ୍ରଥମେ ମନେ ରଖିବା ଉଚିତ ଯେ, ପରୀକ୍ଷା ପୂର୍ବଦିନ ଠିକ ଭାବେ ଖାଇବ ଓ ଶୋଇବା ଅନ୍ୟଦିନ ଠାରୁ ଅଧିକ ବା କମ୍ ନୁହେଁ । ଶିରୋନାମା ଓ ଏହାର ମୁଖ୍ୟ ବିଷୟବସ୍ତୁକୁ ମନେ ପକାଇବା ପରୀକ୍ଷାରେ ପଡ଼ିଲେ କଅଣ ଲେଖିବ ବୋଲି ଭାବିବ । ମନରୁ ଦୁଶ୍ଚିନ୍ତା ଦୂରକରି ଖୁସି ରହିବାକୁ ଚେଷ୍ଟା କରିବ । ପରୀକ୍ଷା ଦିନ ସକାଳେ ଅତି ତରତର ହୋଇ ଗାଧୋଇବା, ଖାଇବା ଆଦି ନିତ୍ୟକର୍ମ କରିବା ଉଚିତ ନୁହେଁ । ପ୍ରତିଦିନ ଯେପରି କର, ଆଜି ମଧ୍ୟ ସେହିପରି କରିବ । ଅତି ତରତର ହେଲେ ଛାତି ଧଡ୍ ଧଡ୍ ହେବ, ଝାଳ ବାହାରିବ । ପ୍ରକୃତରେ ମନ ଛାନିଆ ନ ହେଲେ ମଧ୍ୟ ଛାତି ଧଡ଼ ଧଡ଼ ହେବା ଯୋଗୁଁ ଛାନିଆ ହେବା ଭଳି ଲାଗିବ । ନିଜର ଖାତା, ବହି ଓ ନୋଟସ୍ ଆଦିକୁ ପରୀକ୍ଷା କେନ୍ଦ୍ରକୁ ନେବ । ନିହାତି ଦରକାର ନହେଲେ ଖୋଲିବ ନାହିଁ । ଯେଉଁ ପିଲାମାନେ ଅତ୍ୟଧିକ ଛାନିଆ ହୁଅନ୍ତି ବା କରାନ୍ତି, ସେମାନଙ୍କ ଠାରୁ ଦୂରେଇ ରହିବ । ନିଜକୁ ନିଜେ ବୁଝାଅ ଓ ସାହସ ଦିଅ। ମୁଁ ହୁଏତ ସବୁ ଉତ୍ତର ଜାଣି ନଥାଇପାରେ । ମୋର ହୁଏତ ପରୀକ୍ଷାରେ ସବୁ ମନେ ନପଡ଼ିପାରେ । ମୁଁ ପଢ଼ିଥିବା ପାଠ ଛଡ଼ା, ବାହାରୁ କିଛି ପ୍ରଶ୍ନ ପରୀକ୍ଷାରେ ପଡ଼ିପାରେ । ଏହା ସାଧାରଣ କଥା ଓ ସମ୍ଭବପର । ସବୁ ଠିକ୍ ହେବ । ପରୀକ୍ଷା ଆରମ୍ଭ ହେବାର ଠିକ୍ ଦଶ ପନ୍ଦର ମିନିଟ୍ ପୂର୍ବରୁ କେତେଜଣ ଅଧିକ ଛାନିଆ ହୋଇଯାଆନ୍ତି । ତେଣୁ ପରୀକ୍ଷା ହଲକୁ ଆଗରୁ ଯାଇ ନିଜର ଚେୟାର ଖୋଜି ମନକୁ ସ୍ଥିର କରି ବସ । ମନକୁ ଶାନ୍ତ ରଖି ପରୀକ୍ଷା ପ୍ରଶ୍ନ ପଢ଼ିବା ଆରମ୍ଭ କର। ଯେଉଁ ପ୍ରଶ୍ନର ଉତ୍ତର ଭଲ ଭାବେ ଆସୁଛି, ତାହାକୁ ପ୍ରଥମେ ଦିଅ। ଲେଖିବା ପୂର୍ବରୁ ଉତ୍ତରର ସଂକ୍ଷିପ୍ତ ବିବରଣୀ ମନରେ ଭାବିନିଅ । ପରୀକ୍ଷା ସମୟରେ ନିଜକୁ ସାହସ ଦିଅ । ନିଜକୁ ନିଜେ କୁହ 'ମୁଁ ଭଲକରି ଲେଖୁଛି । ଯାହା ପଢ଼ିଛି ସବୁ ମନେ ଅଛି । ମୁଁ ମୋର ସବୁଠାରୁ ଭଲ ଉତ୍ତର ପରୀକ୍ଷାରେ ଦେଉଛି ।' ପରୀକ୍ଷା ହଲ୍‌ରେ ପୂରା ସମୟ ବସ। ସମୟ ବଳିଲେ ଆଉ ଥରେ ପଢ଼ । ଆମେ ଅଜାଣତରେ ଭୁଲ ଲେଖିଥାଇପାରୁ । ସେଗୁଡ଼ିକ ସଜାଡ଼ି ଠିକ୍ କରିପାରିବ । ଗୋଟିଏ ବିଷୟରେ ପରୀକ୍ଷା ସାରିବା ପରେ, ସେହି ପରୀକ୍ଷା ଉପରେ ଅଧିକ ଆଲୋଚନା କର ନାହିଁ । ମନ ଛାନିଆ ଲାଗିପାରେ । ପରବର୍ତ୍ତୀ ବିଷୟର ପରୀକ୍ଷା ପାଇଁ ଚିନ୍ତା କର ।

ପରୀକ୍ଷା ପୂର୍ବରୁ ପାଠ ପଢ଼ିବା ଦରକାର। ତୁମେ ଏକା ନୁହେଁ, ଏହି ପାଠପଢ଼ା ସମସ୍ତଙ୍କ ଉପରେ କିଛି ନା କିଛି ମାନସିକ ଚାପ ପକାଏ । ମାନସିକ ଚାପ କେତେ ହେବ, ତାହା ନିଜ ଉପରେ ନିର୍ଭର କରେ । ପରୀକ୍ଷାରେ ସଫଳତାର ଚାବିକାଠି ହେଉଛି ସଠିକ୍ ଯୋଜନା। ପରୀକ୍ଷା ବିଷୟରେ ବେଶି ଭାବ ନାହିଁ, ବେଶି ଭାବିଲେ କିଛି କରିହେବ ନାହିଁ । ଯାହା ଉପରେ ଆମ ନିୟନ୍ତ୍ରଣ ନାହିଁ, ଆମେ କିଛି କରିପାରିବା ନାହିଁ । ମାତ୍ର ପାଠ ପଢ଼ିଲେ, ପରୀକ୍ଷାରେ ଭଲ କରିପାରିବା ।

ପୁରୀଘାଟ ରୋଡ଼, କଟକ
ମୋ. ୯୧୩୭୨୪୩୩୩୩

ଏମଡିଆର–୪୫ ରାସ୍ତା ପାଲଟିଛି ମରଣଯନ୍ତା!

ମହାଶୟ,

ବାଙ୍ଗିରିପୋଷିରୁ କଳାବାଡିଆ ଦୀର୍ଘ ୧୩ କି.ମି ଲମ୍ବି ରହି, ଜାତୀୟ ରାଜପଥ ୪୯ ଓ ଜାତୀୟ ରାଜପଥ ୧୮କୁ ସଂଯୋଗ କରୁଥିବା ରାଇରଙ୍ଗପୁର ଉପଖଣ୍ଡ, ବିଶୋଇ କାର୍ଯ୍ୟାଳୟ ପୂର୍ତ୍ତ ବିଭାଗ ଅଧୀନରେ ଥିବା ଏମ୍‌ଡିଆର ୪୫ (ବାଙ୍ଗିରିପୋଷି–କଳାବାଡିଆ) ରାସ୍ତାଟି ଦୀର୍ଘଦିନ ହେଲାଣି ମରଣଯନ୍ତା ପାଲଟିଛି । ଜାତୀୟ ରାଜପଥ ୪୯ ଓ ୧୮ର ଦୂରତାକୁ ଦୀର୍ଘ ୧୧ କି.ମି କମ୍ କରିବାରେ ସାହାଯ୍ୟ କରୁଛି ଏହି ଏମଡିଆର– ୪୫ ରାସ୍ତା । ଏହି ରାସ୍ତା ଯାତାୟାତର ଦୂରତାକୁ କମ କରୁଥିବାରୁ ଏହି ରାସ୍ତା ଦେଇ ପ୍ରତ୍ୟେକ ଦିନ ଶହ ଶହ ଯାନବାହନ ଚଳାଚଳ କରୁଛି । ଉକ୍ତ ରାସ୍ତାର ଠାଏ ଠାଏ ସ୍ଥାନରେ ପିଚୁ ଉଠି, ରାସ୍ତାକଡରେ ଥିବା ପଦଚାରୀଙ୍କ ବାଟ ଉପରେ ପଡିରହିବା ସହିତ ଛୋଟବଡ ଗାତ ସୃଷ୍ଟି ହୋଇଛି । ଯାହା ଫଳରେ କୌଣସି ବଡଯାନ ଏକ, ଦୁଇ କିମ୍ବା ତିନି ଚକିଆ ଯାନକୁ ଅତିକ୍ରମ କଲାବେଳେ ପ୍ରବଳ ମାତ୍ରାରେ ଧୂଳି ଉଡି ଛୋଟ ଗାଡିରେ ଯାଉଥିବା ଯାତ୍ରୀଙ୍କ ଉପରେ ପ୍ରଭାବ ପକାଉଛି ଏବଂ ଏହି ରାସ୍ତା ଉପରେ, ବାଙ୍ଗିରିପୋଷିରୁ କଳାବାଡିଆ ପର୍ଯ୍ୟନ୍ତ ପାଖାପାଖି ୨୫ଟି ମୋଟା ଓ ଦୃଢ ପ୍ଲାଷ୍ଟିକର ହମ୍ପସ ରହିଥିବା ବେଳେ, ଏହି ହମ୍ପସ ରାସ୍ତାରୁ ଉଠିଯାଇ ରାସ୍ତା ଉପରେ ଗର୍ତ୍ତ ସୃଷ୍ଟି ହୋଇଛି । ସାଇକେଲ ଓ ବାଇକ ଯୋଗେ ଯାତାୟାତ କରୁଥିବା ଯାତ୍ରୀ ବିଶେଷ ଭାବେ ଦୁର୍ଘଟଣାର ସମ୍ମୁଖୀନ ହେଉଛନ୍ତି । ପ୍ରାୟ ପ୍ରତିଦିନ ଏହି ରାସ୍ତା ଉପରେ ଛୋଟ ବଡ ଦୁର୍ଘଟଣା ଘଟୁଥିବାର ନଜିର ରହିଛି । ରାତିରେ ଏହି ରାସ୍ତା ଦେଇ ବଡ ଯାନ ହେଉକି ଛୋଟ ଯାନରେ, ଯାତାୟାତ କରୁଥିବା ଯାତ୍ରୀ ତଥା ଚାଳକମାନେ ଧୂଳି ସହିତ ସଂଗ୍ରାମ କରି ଯାତାୟାତ କରୁଥିବାର ଦେଖାଯାଇଛି । ଏହି ରାସ୍ତା ଉପରେ ନିରୀହ/ବିରଳ ପ୍ରଜାତିର ପ୍ରାଣୀମାନେ ମଧ୍ୟ ଦୁର୍ଘଟଣାରୁ ବର୍ତ୍ତିନାହାନ୍ତି । ଧୂଳିର ପ୍ରଭାବରେ ରାସ୍ତା ଠିକ ଭାବେ ଦୂରକୁ ଦେଖା ଯାଏ ନାହିଁ, ଫଳରେ ଚାଳକମାନେ ଚଳନ୍ତା ଗାଡ଼ିର ଭାରସାମ୍ୟ ରକ୍ଷା କରିବାରେ ବିଫଳ ହୁଅନ୍ତି, ଯାହା ଫଳରେ କି ରାତ୍ରୀରେ ବୁଲୁଥିବା ରାତ୍ରିଚର କୁକୁର, ଶିଆଳ, ପେଚାଙ୍କ ପରି ବହୁ ନିରୀହ ପ୍ରାଣୀମାନେ ଗାଡିର ଚକ ତଳେ ଆସି ନିଜର ପ୍ରାଣ ହରାଇବାର ମଧ୍ୟ ନଜିର ରହିଛି । ଆମ ପରିବେଶକୁ ଗନ୍ଧମୟ ମୁକ୍ତ କରୁଥିବା ପ୍ରାଣୀମାନଙ୍କର ଅପ୍ରତ୍ୟାଶିତ ମୃତ ଶରୀର ରାସ୍ତା ଉପରେ ପଡି ରହି ଚତୁର୍ଦ୍ଦିଗ ଗନ୍ଧମୟ ପରିବେଶ ସୃଷ୍ଟି କରୁଥିବାର ନଜିର ରହିଛି । ଅନ୍ୟପଟେ ଏହି ରାସ୍ତା ଦେଇ ବାଙ୍ଗିରିପୋଷିକୁ ଆସୁଥିବା କିମ୍ବା ବାଙ୍ଗିରିପୋଷିରୁ ଯାଉଥିବା ଛାତ୍ରଛାତ୍ରୀ, ରୋଗୀ, ବୃଦ୍ଧ, ବୃଦ୍ଧା ବିଶେଷ ଭାବରେ ପ୍ରଭାବିତ ହେବା ସହିତ ଗାଡି ଚାଳକଙ୍କ ମହଲରେ ଅସନ୍ତୋଷଭାବ ଜାତ ହେଉଛି । ଏଥିପ୍ରତି ରାଇରଙ୍ଗପୁର ଉପଖଣ୍ଡ, ବିଶୋଇ କାର୍ଯ୍ୟାଳୟ ପୂର୍ତ୍ତ ବିଭାଗ ଦୃଷ୍ଟି ଦେଇ ଏମଡିଆର–୪୫ ରାସ୍ତାକୁ ମରାମତି କଲେ ନିରୀହ ଜୀବଜନ୍ତୁଙ୍କ ଜୀବନ ରକ୍ଷା ହେବା ସହିତ, ମର୍ମନ୍ତୁଦ ତଥା ଲୋମହର୍ଷଣକାରୀ ଦୁର୍ଘଟଣାକୁ ବହୁ ମାତ୍ରାରେ ରୋକାଯାଇ ପାରିବ ବୋଲି ବୁଦ୍ଧିଜୀବୀମାନେ ମତ ପ୍ରକାଶ କରିଛନ୍ତି

କପିଳାସ କୁମାର ବେହେରା
ବାଙ୍ଗିରିପୋଷି